# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
**01st October - 2025**

*********************************

*Desk, Puri/R*

## ଦୁର୍ଗାପୂଜା

ଆଦ୍ୟାଶକ୍ତି, ଜଗଦ୍ଧାତ୍ରୀ, ଜଗତ୍‌ଜନନୀ ମା’ ଦୁର୍ଗାଙ୍କର ଶକ୍ତିପୀଠଗୁଡ଼ିକରେ ଆଜି ଦଶମୀ ପୂଜା ଚାଲିଛି। ପୁରପଲ୍ଲୀଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ମୃଣ୍ମୟୀ ମଣ୍ଡପଗୁଡ଼ିକରେ ମହାନବମୀ ପୂଜା ଏବଂ ହୋମ ଯଜ୍ଞ ପ୍ରାତଃରୁ ଆରମ୍ଭ ହୋଇଛି। ଶରତ୍‌କାଳକୁ ଦେବୀଙ୍କ ଆବାହନ ସମୟ ଭାବେ ଅଭିହିତ କରାଯାଇ ଷୋଡ଼ଶ ଦିନାତ୍ମକ, ନବରାତ୍ରି ଓ ତ୍ରିଦିନାତ୍ମକ ପୂଜା ଉତ୍ସବର ଅବତାରଣା କରାଯାଇଛି । ପୁରୀ ଶ୍ରୀକ୍ଷେତ୍ରରେ ମା’ ବିମଳାଙ୍କର ଆଜି ବିଶ୍ରାମ ପୂଜା ହେଉଛି। ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କ ଆସନ୍ତାକାଲି ସୁନାବେଶ ଅନୁଷ୍ଠିତ ହେବ । ସ୍ୱର୍ଣ୍ଣଅଳଙ୍କାର ବିଭୂଷିତ ହୋଇ ଶ୍ରୀଜୀଉମାନେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ଶ୍ରୀମଦନମୋହନ, ଶ୍ରୀରାମ, ଶ୍ରୀକୃଷ୍ଣ’ ବୀରବେଶ ଧାରଣ କରି ଶ୍ରୀଜଗନ୍ନାଥ ବଲ୍ଲଭ ମଠସ୍ଥିତ ମହାଖଳାକୁ ବିଜେ କରିବେ।

ପବିତ୍ର ବଜୟା ଦଶମୀ ଅବସରରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି, ମା’ ଦୁର୍ଗାଙ୍କ ଧରାବତରଣ ରାଜ୍ୟବାସୀଙ୍କପାଇଁ ଶୁଭମୟ ହେଉ ।

*Desk*

# ପି.ଏମ୍. - ଆର୍.ଏସ୍.ଏସ୍.

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ-ଆରଏସ୍ଏସ୍ର ଶତବାର୍ଷିକୀ ସମାରୋହରେ ଯୋଗଦେଇ ଜାତି ଉଦ୍ଦେଶ୍ୟରେ ସମ୍ବୋଧନ କରିବା ସହିତ ସ୍ମାରକ ଡାକଟିକସ ଏବଂ ଏକ ମୁଦ୍ରାର ଉନ୍ମୋଚନ କରିବେ । ଦିଲ୍ଲୀର ଆମ୍ବେଦକର ଅନ୍ତର୍ଜାତୀୟ କେନ୍ଦ୍ରରେ ଆୟୋଜିତ ସମାରୋହରେ ପ୍ରଧାନମନ୍ତ୍ରୀ ସମାବେଶକୁ ସମ୍ବୋଧିତ କରିବେ। ଚରିତ୍ର ନିର୍ମାଣଦ୍ୱାରା ରାଷ୍ଟ୍ର ନିର୍ମାଣର ସଙ୍କଳ୍ପ ନେଇ ମା' ଭାରତୀର ସେବାପାଇଁ ସ୍ୱୟଂ ସେବକମାନେ ଶତାବ୍ଦୀ ଧରି ମାତୃଭୂମିର କଲ୍ୟାଣପାଇଁ ସେମାନଙ୍କ ଜୀବନ ଉତ୍ସର୍ଗ କରିଛନ୍ତି ବୋଲି ଶ୍ରୀ ମୋଦି କହିଛନ୍ତି ।

*Desk*

# ଏସ୍.ଆଇ. ପରୀକ୍ଷା ସ୍ଥଗିତ

ପୁଲିସ୍ ସବ୍-ଇନ୍ସପେକ୍ଟର ପରୀକ୍ଷା ସ୍ଥଗିତ ହେବା ଏବଂ ଜାଲିଆତି ଅଭିଯୋଗ ଘଟଣାର ତଦନ୍ତ କ୍ରାଇମ୍ ବ୍ରାଞ୍ଚ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଜାଲିଆତି ଅଭିଯୋଗ ପରେ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି । ସୂଚନା ଅନୁଯାୟୀ ଆସନ୍ତା ୫ ଓ ୬ ତାରିଖରେ ଏସ୍.ଆଇ.ର ଲିଖିତ ପରୀକ୍ଷା ଅନୁଷ୍ଠିତ ହେବାର ଥିଲା । ପରବର୍ତ୍ତୀ ପରୀକ୍ଷା ତାରିଖ ବାବଦରେ ବିଜ୍ଞପ୍ତି

ଜରିଆରେ ପ୍ରାର୍ଥୀମାନଙ୍କୁ ଜଣାଇ ଦିଆଯିବ ବୋଲି ପୁଲିସ୍ ବିଭାଗ ପକ୍ଷରୁ କୁହାଯାଇଛି ।

***Bhadrak/R***

## ମନ୍ତ୍ରୀଗସ୍ତ

ଭଦ୍ରକ ଜିଲ୍ଲାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଯ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଗତକାଲି  ଭଦ୍ରକ ସହରର ବିଭିନ୍ନ ବ୍ୟାବସାୟିକ ପ୍ରତିଷ୍ଠାନକୁ ଯାଇ ଜି.ଏସ୍.ଟି. ହ୍ରାସ ସମ୍ବନ୍ଧରେ ଅନୁଧ୍ୟାନ କରିଥିଲେ । ଉପଭୋକ୍ତାମାନେ ଜି.ଏସ୍.ଟି. ଦର ହ୍ରାସ ପାଇବା ପରେ କିପରି ଲାଭବାନ୍ ହେଉଛନ୍ତି, ପଚାରି ବୁଝିଥିଲେ ।

***Desk***

## ଡାକସେବା

ଦେଶର ସମସ୍ତ ଗ୍ରାହକଙ୍କ ପାଇଁ ଡାକସେବାକୁ ଦ୍ରୁତ, ନିର୍ଭରଯୋଗ୍ୟ ଏବଂ ଲୋକାଭିମୁଖୀ କରିବା ଲକ୍ଷ୍ୟରେ ଭାରତୀୟ ଡାକ ବିଭାଗ ପକ୍ଷରୁ ଡାକସେବାରେ ନୂଆ ବୈଶିଷ୍ଟ୍ୟ ପ୍ରଚଳନ କରାଯାଇଛି। ଓଟିପି ଆଧାରିତ ସୁରକ୍ଷିତ ବିତରଣ, ଅନ୍‌ଲାଇନ୍ ପେମେଣ୍ଟ, ଏସ୍‌ଏମ୍‌ଏସ୍ ଆଧାରିତ ବିଜ୍ଞପ୍ତି, ସୁବିଧାଜନକ ଅନ୍‌ଲାଇନ୍ ବୁକିଂ, ପ୍ରକୃତ ସମୟ ଅପ୍‌ଡେଟ୍ ଏବଂ ପଞ୍ଜୀକରଣ ସୁବିଧାର ବ୍ୟବସ୍ଥା କରାଯାଇଛି। ଗତ ୨୫ ତାରିଖରେ ବିଭାଗ ପକ୍ଷରୁ ଜାରି

ବିଜ୍ଞପ୍ତି ଅନୁସାରେ ଡାକସେବାରେ ଲାଗୁ କରାଯାଇଥିବା ସଂଶୋଧିତ ଶୁଳ୍କ ଆଜିଠାରୁ କାର୍ଯ୍ୟକାରୀ ହୋଇଛି। ଛାତ୍ରଛାତ୍ରୀଙ୍କ ପାଇଁ ସ୍ପିଡ୍‌ପୋଷ୍ଟ ମାଧ୍ୟମରେ ଆବେଦନପତ୍ର ପ୍ରେରଣ ଉପରେ ଲାଗୁ କରାଯାଇଥିବା ସଂଶୋଧିତ ଶୁଳ୍କ ଉପରେ ୧୦ପ୍ରତିଶତ ରିହାତି ଘୋଷଣା କରାଯାଇଛି।

***Desk***

## ରକ୍ତଦାନ/ବରିଷ୍ଠ ନାଗରିକ ଦିବସ

ସ୍ୱେଚ୍ଛାକୃତ ରକ୍ତଦାନକୁ ପ୍ରୋତ୍ସାହିତ କରିବା, ରକ୍ତ ସଂଗୃହିତ କେନ୍ଦ୍ରଗୁଡ଼ିକ ପାଇଁ ଆବଶ୍ୟକ ଭିତ୍ତିଭୂମିର ସୁବିଧା ଏବଂ ଜାତୀୟ ରକ୍ତ ନୀତିକୁ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ଆଜି ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳନ କରାଯାଉଛି । ରକ୍ତଦାନ, ମହତ ଦାନ' ଏ ସମ୍ପର୍କରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ ଜନ ସଚେତନତାମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

ବରିଷ୍ଠ ନାଗରିକଙ୍କ ଅଭିଜ୍ଞତା ଏବଂ ବୁଦ୍ଧିମତାକୁ ସମ୍ମାନ ପ୍ରଦର୍ଶନ ଲକ୍ଷ୍ୟରେ ପ୍ରତ୍ୟେକ ବର୍ଷ ଅକ୍ଟୋବର ପହିଲାରେ ସମଗ୍ର ବିଶ୍ୱରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଆଜି ପାଳନ କରାଯାଉଛି । "ସ୍ଥାନୀୟ ଏବଂ ବିଶ୍ୱସ୍ତରୀୟ କାର୍ଯ୍ୟକୁ ପରିଚାଳିତ କରୁଥିବା ବୟସ୍କ ବ୍ୟକ୍ତି - ଆମର ଆକାଂକ୍ଷା, ଆମର ମଙ୍ଗଳ ଏବଂ ଆମର ଅଧିକାର" ଚଳିତ ବର୍ଷର ବାର୍ତ୍ତା ରହିଛି ।

***Desk***

# ପାଣିପାଗ

ପାଣିପାଗ ବିଭାଗର ସୂଚନା ଅନୁସାରେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହା ଅଧିକ ଘନୀଭୂତ ହୋଇ ଆସନ୍ତାକାଲି ସକାଳ ସୁଦ୍ଧା ଅବପାତର ରୂପ ନେବାର ସମ୍ଭାବନା ଅଛି । ଏହାର ପ୍ରଭାବରେ ଆଜିଠାରୁ ୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାର ସମ୍ଭାବନା ରହିଛି । ଗଜପତି, ଗଞ୍ଜାମ, କୋରାପୁଟ, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ପାଣିପାଗ ବିଭାଗ ବିସ୍ତାରିତ ଆକଳନ ଅନୁସାରେ ଆଜିଠାରୁ ଡିସେମ୍ବର ମାସ ପର୍ଯ୍ୟନ୍ତ ଦେଶରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇପାରେ । ଜୁନ୍ ପହିଲାରୁ ସେପ୍ଟେମ୍ବର ମାସ ଶେଷ ପର୍ଯ୍ୟନ୍ତ ରାଜ୍ୟରେ ସ୍ୱାଭାବିକ ବର୍ଷା ରେକର୍ଡ଼ କରାଯାଇଛି । ରାଜ୍ୟର ଉତ୍ତର ପଶ୍ଚିମ ଜିଲ୍ଲାଗୁଡ଼ିକରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଛି । ପୁରୀ ଜିଲ୍ଲାରେ ୨୮ ପ୍ରତିଶତ, କଳାହାଣ୍ଡି ଜିଲ୍ଲରେ ୨୫ ପ୍ରତିଶତ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୨୦ ପ୍ରତିଶତ କମ୍ ବର୍ଷା ହୋଇଛି । ୨୧ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ରେକର୍ଡ଼ କରାଯାଇଥିବାବେଳେ କୋରାପୁଟ, ଝାରସୁଗୁଡ଼ା, ଦେବଗଡ଼, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲାଗୁଡ଼ିକରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଛି ।

*****